# ଥାଞ୍ଜା ଗୋଟେ ମିନିଟ୍



ରଚନା : ଡା: ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ

ସାମାଜିକ ନାଟକ

# ଆଉ ଗୋଟେ ମିନିଟ

ରଚନା

ଡା: ଧନେଶ୍ୱର ସାହୁ

ଏମ.ବି.ବି.ଏସ.ଏମ.ଏସ.

ପ୍ରକାଶକ

ଆମରି ସତ୍ୟ

# ଆଜ୍ଞା ଗୋଟେ ମିନିଟ୍

**ରଚନା :** ଡାକ୍ତର ଧନେଶ୍ୱର ସାହୁ
**ସର୍ବସ୍ୱତ୍ୱ ଅଧିକାରୀ :**ବିଜୟଲକ୍ଷ୍ମୀ ସାହୁ
**ପ୍ରଥମ ସଂସ୍କରଣ : ୨୦୨୦**
**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍ କଲେଜ, ଜିଲ୍ଲା: ଖୋରଧା, ପିନ୍: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରିଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଲଂକରଣ :** ରାଜୀବ ଲୋଚନ ରଥ
**ଲେଖକଙ୍କ ଠିକଣା :** ନୟାଗଡ଼ ରୋଡ ଖୋରଧା, ଚଣ୍ଡିଚୁଆ ପାଖ, ପୋ / ଜି : ଖୋରଧା-୭୫୨୦୫୫
**ଦୂରଭାଷ:**୯୪୩୭୧୦୭୬୧୩

*Agyan Gote Minute*
Written by: *Dr Dhaneswar Sahoo*
C *: Bijayalaxmi Sahoo*
*1st Edition : 2020*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980

--------------------

Printed at:
PRATIVA PRINTERS
Unit -9, Bhubaneswar

--------------------

*Address of the Author -*
*Nayagarh Road Khordha, Near Chandichua*
*Post/Dist : Khordha-752055*
*Mob. :9437107613*

**ISBN 978-93-85900-46-4**

ମୂଲ୍ୟ: ୫୦.୦୦ ଟଂକା / **Price: ₹ 50.00**

# ଆଜ୍ଞା ଗୋଟେ ମିନିଟ୍
## ସାମାଜିକ ନାଟକ

**ରଚନା :- ଡା: ଧନେଶ୍ୱର ସାହୁ**
**ଏମ.ବି.ବି.ଏସ.ଏମ.ଏସ**

**ଶ୍ରେଷ୍ଠାଂଶେ**

**ପୁରୁଷ**

୧. ଡା.ମୋହନ ଦାସ - ପ୍ରାଇଭେଟ ଏଲ.ଏମ.ପି ଡାକ୍ତର, ବୟସ - ୬୦
୨. ବାଇଧର ମହାନ୍ତି - ଟାଉଟର, ବୟସ - ୪୫
୩. ସନାତନ ବଳୀୟାର ସିଂହ - ଧନୀ ଖାନଦାନୀ ଲୋକ, ବୟସ - ୫୫
୪. ବୁଲା - ସନାତନ ଚାକର, ବୟସ - ୩୫
୫. ରୋଗୀ ୧ ଜଣ - ବୟସ ୩୫
୬. ଲଣ୍ଡେଶ୍ୱର - ପ୍ରେମାନନ୍ଦ ବାବାଙ୍କ ଚେଲା, ବୟସ - ୩୫

ସ୍ତ୍ରୀ

୧. ସୁଇଟି - ସନାତନ ଝିଅ , ବୟସ - ୩୦

## ଆଜ୍ଞା ଗୋଟେ ମିନିଟ୍ ମଂଚସ୍ଥ ସ୍ଥାନ

୦୭.୪.୨୦୧୭ - ଖୋରଧା ପୁସ୍ତକମେଳାରେ "ଆନ୍ଦୋଳନ" ଖୋରଧାଦ୍ୱାରା ମଞ୍ଚସ୍ଥ।

୨୦.୮.୨୦୧୭ - 'ଆମରି ସତ୍ୟ' ବାର୍ଷିକ ଉତ୍ସବରେ ଖୋରଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ ଆନ୍ଦୋଳନ ନାଟ୍ୟ ସଂସ୍ଥା ଖୋରଧା ଦ୍ୱାରା ମଂଚସ୍ଥ।

| **ପୁରୁଷ ଚରିତ୍ର** | **କଳାକାର** |
|---|---|
| ଡା.ମୋହନ ଦାସ | ତ୍ରିଲୋଚନ ମହାପାତ୍ର |
| ବାଇଧର ମହାନ୍ତି | ତ୍ରିନାଥ ସାହୁ |
| ସନାତନ ବଳୀୟାର ସିଂହ | ପବିତ୍ର କୁମାର ବରାଳ |
| ବୁଲା | ହେମନ୍ତ କୁମାର ପଣ୍ଡା |
| ରୋଗୀ ୧ ଜଣ | ଦିନେଶ କୁମାର ପଟ୍ଟନାୟକ |
| ଲମ୍ବେଶ୍ୱର | ଏସ.କେ ସଲମନ୍ |
| **ନାରୀ ଚରିତ୍ର** | |
| ସୁଇଟି | ଗୀତାଞ୍ଜଳି ରଥ |

| | |
|---|---|
| ସଂଗୀତ ପରିଚାଳନା | : ଲଳିତ ମୋହନ ରାଉତରାୟ |
| ମଞ୍ଚ ଓ ରୂପସଜ୍ଜା | : ତ୍ରିନାଥ ସାହୁ |
| ସହଯୋଗ | : ରିଣ୍ଟୁ ଜେନା, ମନୋଜ କୁମାର ବେହେରା, ସୋନାଲୀ ସାହୁ ଓ ସସ୍ମିତା ପଣ୍ଡା |
| ଉପସ୍ଥାପନା | : ଆନ୍ଦୋଳନ, ଖୋରଧା |
| ନିର୍ଦ୍ଦେଶନା | : ସନ୍ତୋଷ କୁମାର ମହାନ୍ତି |

୦୩.୧୦.୨୦୧୭ - ବିରଜା ରଙ୍ଗ ମହୋତ୍ସବ ତରଫରୁ ଆହ୍ୱାନ ଅନୁଷ୍ଠାନ ଦ୍ୱାରା ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଯପୁରରେ "ଆନ୍ଦୋଳନ" ଖୋରଧା ଦ୍ୱାରା ମଂଚସ୍ଥ।

**ପରିବର୍ତ୍ତିତ ମଂଚରେ ଅନ୍ୟ କଳାକାର**

ସନାତନ - ବୀର ଦୁଃଶାସନ ପ୍ରଧାନ, ଦିଲିପ କୁମାର ସାହୁ, ଚିତ୍ତରଂଜନ ସାହୁ

ରୋଗୀ - ଚିତ୍ତରଂଜନ ସାହୁ

ସୁଇଟି - ଯଶସ୍ୱିନୀ ସାହୁ, ଶକ୍ତିମୟୀ ପାତ୍ର

୧୭.୧୨.୨୦୧୭ - ଖୋରଧା ମହୋତ୍ସବରେ ମଂଚସ୍ଥ।

ପ୍ରସ୍ତୁତି - ଆନ୍ଦୋଳନ ଖୋରଧା

# ସାରାଂଶ

"ଆଜ୍ଞା ଗୋଟେ ମିନିଟ୍" ଏକ ହାସ୍ୟରସାତ୍ମକ ନାଟକ। ନାଟକଟିରେ ସାମାଜିକ ବାର୍ତ୍ତା ଦେବା ସହିତ ଦର୍ଶକଙ୍କୁ ହାସ୍ୟ ସୂଚକ ଇଙ୍ଗିତରେ ସାମାଜିକ ଦୁରାବସ୍ଥାର ବାର୍ତ୍ତା ଦେବାକୁ ଚେଷ୍ଟା କରାଯାଇଛି। "ଆଜ୍ଞା ଗୋଟେ ମିନିଟ୍" ସମସାମୟିକ ଘଟଣାର ନିଛକ ପ୍ରତିଛବି।

ଶିଳ୍ପପତି ସନାତନ ବାବୁ ନିଜର ଏକମାତ୍ର ଝିଅ ସୁଇଟିକୁ ଭଲପାଆନ୍ତି। ତା'ର ସମସ୍ତ ଇଚ୍ଛା ଆକାଂକ୍ଷାକୁ ଆଦେଶ ଭଳି ପାଳନ କରନ୍ତି। ଫଳତଃ ସୁଇଟି ବାଲ୍ୟବସ୍ଥାରୁ ଅତ୍ୟନ୍ତ ଉଶୃଙ୍ଖଳ ଓ ଜିଦ୍‌ଖୋର ହୋଇପଡ଼ିଛି। ଝିଅର ଏହି ଆଚରଣ ମନୋଭାବକୁ ଲକ୍ଷ୍ୟକରି ବାପା ସନାତନ ବାବୁ ଝିଅର ବିବାହ ପାଇଁ ସର୍ବଦା ଚିନ୍ତିତ ଥାଆନ୍ତି। ଏହା ନୁହେଁ ଯେ, ସୁଇଟିର ବିବାହ ପ୍ରସ୍ତାବ ଆସେନାହିଁ, କିନ୍ତୁ ସନାତନ ବାବୁଙ୍କ ମନଲାଖି ପ୍ରସ୍ତାବ ଯୁଟେନି ଓ ସୁଇଟିକୁ କିଛି ପ୍ରସ୍ତାବ ପସନ୍ଦ ହୁଏନି। ଫଳରେ ଝିଅର ବୟସ ବଢ଼ି ବଢ଼ି ୩୦ ଛୁଇଁଲାଣି। ସନାତନ ସ୍ଥିର ନିଶ୍ଚିତ ଯେ, ସେ ଜଣେ ଡାକ୍ତର ଜ୍ୱାଇଁ କରିବେ। ଇତ୍ୟବସରରେ ବାଇଧର ନାମକ ଜଣେ ଟାଉଟର ମଧ୍ୟସ୍ଥି ମାର୍କେଟରେ ସନାତନ ବାବୁଙ୍କ ସହ ଦେଖାହୁଏ। ଝିଅ ବିବାହ ପ୍ରସ୍ତାବରେ ଚିନ୍ତିତ ସନାତନ ବାବୁ ଶେଷରେ ବାଇଧରଠାରୁ ଏକ ଡାକ୍ତର ଜ୍ୱାଇଁ ପାଇବାର ଆଶା ସଂଚର କରନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଏହିକି ଯେ ଅବିବାହିତ ଥାଇ ବୟସ ୬୦ ବର୍ଷ ହେଲାଣି ଡାକ୍ତର ବାବୁଙ୍କର। କେବଳ ନିଜର ଆତ୍ମଗର୍ବକୁ ବଜାୟ ରଖିବାପାଇଁ ସନାତନ ବାବୁ ଏ ପ୍ରସ୍ତାବରେ ରାଜି ହୁଅନ୍ତି। ବାଇଧର ଡାକ୍ତରବାବୁଙ୍କ ସହିତ ଏ ବିଭାଘର ସଂପର୍କରେ ଆଲୋଚନା କରିବାକୁ ଯିବା ସମୟରେ ହଠାତ୍ ଜଣେ ଭଣ୍ଡବାବା ପ୍ରେମାନନ୍ଦଙ୍କ ଚେଲା ଲଣ୍ଡେଶ୍ୱରଙ୍କ ସହିତ ଦେଖାହୁଏ। ଲଣ୍ଡେଶ୍ୱର ବାବା ପ୍ରେମାନନ୍ଦଙ୍କ ଗୁଣଗାନ ଶୁଣେଇବା ସହିତ ତାଙ୍କଦ୍ୱାରା ପ୍ରସ୍ତୁତ ଚେରମୂଳୀର ମହାତ୍ମ୍ୟ ବାଇଧରକୁ ଶୁଣାଇଛନ୍ତି। କିନ୍ତୁ ଠିକ୍ ଏହି ସମୟରେ ବାବାଙ୍କ ଆଶ୍ରମରେ ଅନୈତିକ କାର୍ଯ୍ୟପାଇଁ ପୋଲିସ୍ ରେଡ୍ ହୋଇଛି ବୋଲି ବାଇଧରକୁ ଫୋନ୍ ଆସେ। ବାଇଧରଠାରୁ ଲଣ୍ଡେଶ୍ୱର ନିଜର ଦୂରାବସ୍ଥା ଜାଣି ଔଷଧ ବିକିବା ପରିବର୍ତ୍ତେ ଆଶ୍ରମକୁ ଦୌଡ଼ିଛନ୍ତି। ଅର୍ଥଲୋଭୀ ବାଇଧର ପ୍ରସ୍ତାବ ନେଇ ଡାକ୍ତରବାବୁଙ୍କ କ୍ଲିନିକରେ ଉପସ୍ଥିତ ହୁଏ। ପୂର୍ବରୁ ବିବାହ ପାଇଁ ରାଜି ନଥିବା ଡାକ୍ତରବାବୁଙ୍କୁ ମିଥ୍ୟା ଯୋଜନାକରି ସୁଇଟିକୁ ଜଣେ ରୋଗୀ

ହିସାବରେ ଉପସ୍ଥାପିତ କରନ୍ତି ବାଇଧର। ଜଣେ ଅସହାୟ ଝିଅକୁ ଚିକିତ୍ସାର ସାହାଯ୍ୟ କରିବାପାଇଁ ବାଇଧର ଡାକ୍ତର ବାବୁଙ୍କୁ ବୁଝାସୁଝା କରିବାରେ ସମର୍ଥ ହୁଏ। ଡାକ୍ତରବାବୁ ଅନିଚ୍ଛା ସତ୍ତ୍ୱେ ସନାତନ ବାବୁଙ୍କ ଘରକୁ ଯାଆନ୍ତି। ସନାତନ ବାବୁଙ୍କ ଘରୋଇ ଚାକର ବୁଲା ସହିତ ପ୍ରଥମେ ସାକ୍ଷାତ ହୁଏ ବାଇଧରର। ବୁଲା ବାଇଧରକୁ ଜ୍ୱାଇଁ ଭାବି ଗୋଡ଼ ଧୋଇ ଘରକୁ ନିମନ୍ତ୍ରଣ କରେ। ଯେତେବେଳେ ବୁଲା ଜାଣେ ଯେ ଜ୍ୱାଇଁ ଆସୁଛନ୍ତି, ,ଏ ଜ୍ୱାଇଁ ନୁହଁନ୍ତି ସେତେବେଳେ ବୁଲା ବାଇଧର ଉପରେ ବିରକ୍ତି ପ୍ରକାଶ କରେ। ଶେଷରେ ଡାକ୍ତର ବାବୁ ଆସନ୍ତି। ଘରେ ସନାତନ ବାବୁ ଓ ବୁଲା ଚର୍ଚ୍ଚାରେ ଡାକ୍ତର ବାବୁ ଯେତିକି ଆଶ୍ଚର୍ଯ୍ୟ ହୁଅନ୍ତି, ସୁଇଟିର ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ସେତିକି ବିରକ୍ତି ହୁଅନ୍ତି। ସୁଇଟିର ଅରାଜି ସତ୍ତ୍ୱେ ଡାକ୍ତରବାବୁ ଜବରଦସ୍ତ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସୁଇଟିର ହାତରୁ ମାଡ଼ ଖାଆନ୍ତି। ଏଥିରେ ଡାକ୍ତରଙ୍କ ହାତରୁ ବାଇଧର ମାଡ଼ଖାଏ। ହଠାତ୍ ଏକ ଅସ୍ୱାଭାବିକ ପରିସ୍ଥିତି ଉପୁଜେ। ସୁଇଟି ରାଗରେ ଡାକ୍ତର ବାବୁଙ୍କୁ ଗାଳିଗୁଲଜ କରିବା ସହିତ ନିଜର ବାପାଙ୍କର ଏଭଳି ଆଚରଣ ପାଇଁ ଅପଦସ୍ଥ କରାଏ। ଧିରେ ଧିରେ ଗଟଣାର ପ୍ରକୃତ ରହସ୍ୟ ଖୋଲେ। ଡାକ୍ତରବାବୁ ବାଇଧରକୁ ଘଟଣା ସଂପର୍କରେ ପଚାରିବା ସମୟରେ ସୁଇଟିର ଅକ୍ରୋଶର ଶିକାର ହୁଏ ବାଇଧର। ବାପା ସନାତନ ବାବୁ ଏଭଳି ମିଥ୍ୟା ଘଟଣା ପାଇଁ ସମସ୍ତଙ୍କୁ କ୍ଷମା ମାଗନ୍ତି। ସମସ୍ତ କଥା ଜାଣିବା ପରେ ଡାକ୍ତରବାବୁ ତାଙ୍କ ସାନଭାଇ ଯିଏ ଆମେରିକାରେ ଡାକ୍ତର ଅଛନ୍ତି ଏବଂ ତାଙ୍କ ବୟସ ୩୫ ବର୍ଷ ମଧ୍ୟରେ, ତା'ର ବିବାହ ସୁଇଟି ସହିତ କରିବାକୁ ପ୍ରସ୍ତାବ ଦିଅନ୍ତି। ଏଥିରେ ସମସ୍ତେ ହସି ହସି ସ୍ୱୀକାର କରନ୍ତି। ପୁଣି ବାଇଧର ଫୋନ ରିଙ୍ଗ ହୁଏ, ଏଠାରେ ସମସ୍ତେ ମିଶି ଚୁପ୍ କରନ୍ତି ବାଇଧରକୁ ।

ନିଜର ସ୍ୱାର୍ଥ ତଥା ଅର୍ଥ ଉପାର୍ଜନରୁ ସୁବିଧାବାଦୀ ରାସ୍ତା ଖୋଜୁଥିବା ବ୍ୟକ୍ତିମାନଙ୍କଠାରୁ ସମସ୍ତେ ସତର୍କ କରିବା ଉଚିତ୍ ଏବଂ ସମସ୍ତ କଥା ଜାଣି, ବୁଝି, ବିଚାରକରି ଯଦି ପଦକ୍ଷେପ ନିଆଯାଏ, ତେବେ ସମାଜର ଏଭଳି ଅନେକ ଟାଉଟର ମଧ୍ୟସ୍ଥିଙ୍କଠାରୁ ଅପଦସ୍ତ ଲଜ୍ଜିତ ହେବାରୁ ବଂଚିପାରିବା।

**ନାଟ୍ୟକାର**

**ଡା: ଧନେଶ୍ୱର ସାହୁ**

**ଏମ.ବି.ବି .ଏସ., ଏମ.ଏସ**

# (୧ମ ଦୃଶ୍ୟ)

(ରାଜପଥର ଦୃଶ୍ୟ। ସମୟ ସକାଳ। ଟାଉଟର ବାଇଧର ମହାନ୍ତି ବାହାର ଦର୍ଶକଙ୍କ ମଧ୍ୟରୁ ଫୋନ୍‌ରେ କଥା ହୋଇ ହୋଇ ପ୍ରବେଶ। ବେକରେ ଓ ପକେଟ୍‌ରେ କେତେଗୁଡ଼ିଏ ଫୋନ୍। ବିଭିନ୍ ଫୋନ୍ ବିଭିନ୍ନ ସମୟରେ ରିଙ୍ଗ୍ ହେଉଛି।)

ବାଇଧର : ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ବିଭା ବେଦୀରୁ ଝିଅ ତା'ପୁରୁଣା ପ୍ରେମିକ ସାଥିରେ ଫେରାର ? ପୁଅ ଶିଶୁପାଳ ? କି ଯୁଗହେଲା ? କିଛି ବ୍ୟସ୍ତ ହେବା ଦରକାର ନାହିଁ। ମୁଁ ଯାଇ ନିଶ୍ଚୟ ପହଞ୍ଚିବି। କିଛି ଗୋଟାଏ ସମାଧାନ କରିବା। (ଆଉ ଗୋଟେ ଫୋନ୍ ରିଙ୍ଗ୍ ହୋଇଛି। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ମଦ ମିଳୁନି ? କିଏ କହିଲା ? ସରକାରଙ୍କ ନିୟମ ଅନୁସାରେ ରାଜପଥର ୫୦୦ ମିଟର ଦୂରରେ ଥିବା ମଦ ଦୋକାନରେ ଆଗପଟେ ତାଲା। ଆଗପଟେ ସିନା ତାଲା, କିନ୍ତୁ ପଛପଟେ ମେଲା। ଯେତେ ଇଚ୍ଛା ସେତେ ନେଇପାରିବ। (ଆଉ ଗୋଟେ ଫୋନ୍ ରିଙ୍ଗ୍ ହୋଇଛି। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ଗ୍ରହଦୋଷ ଯୋଗୁଁ ଝିଅ ବାହାଘର ହୋଇପାରୁନି ? କେଉଁ ଜ୍ୟୋତିଷ ପାଖକୁ ଯିବା ଦରକାର ନାହିଁ। ପୁରୀ ବଡ଼ଦାଣ୍ଡକୁ ଚାଲିଯିବ। ଯେତେସବୁ ବୁଲା ଷଣ୍ଢ ବୁଲୁଛନ୍ତି ସମସ୍ତଙ୍କୁ ଖାସୁ କରିଦେବ। ଗ୍ରହଦୋଷ କଟିଯିବ। (ଆଉ ଗୋଟେ ଫୋନ୍ ରିଙ୍ଗ୍ ହୋଇଛି। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। (ଫୋନ୍ କାଟିଛନ୍ତି। ପ୍ରସ୍ଥାନ। ମଂଚରେ ପ୍ରବେଶ କରିଛନ୍ତି ଧନୀ ଖାନଦାନୀ ଲୋକ ସନାତନ ବଳିୟାର ସିଂହ ଓ ତାଙ୍କର ଆଧୁନିକ ଝିଅ ସୁଇଟି।)

ସନାତନ : ସୁଇଟି।

ସୁଇଟି : ଡାଡ୍।

ସନାତନ : ତୋର ସପିଙ୍ଗ୍ ସରିଲା ନାଁ ଆଉ କିଛି ଅଛି ?

ସୁଇଟି : ଓହୋ ଡାଡ୍, You are old,ଆପଣଙ୍କ ସମୟରେ ଯାହା ସବୁ ସପିଙ୍ଗ୍ ହେଉଥିଲା ଏବେ ସବୁ ଅଲଗା। ମୋର କିଛି ଭିତିରି ସପିଙ୍ଗ୍ ବାକିଅଛି। ସେତକ ସରିଲେ ଯିବା।

## ଆଜ୍ଞା ଗୋଟେ ମିନିଟ୍

ସନାତନ : ସପିଙ୍ଗ୍ ପୁଣି ଭିତିରି ସପିଙ୍ଗ୍ ? କର ମା କର ।
(ପ୍ରବେଶ କଲେ ଫୋନ୍‌ରେ କଥା ହୋଇ ହୋଇ ବାଇଧର ମହାନ୍ତି । ବାଇଧର ସନାତନଙ୍କୁ ଚିହ୍ନି)

ବାଇଧର : ନମସ୍କାର ସନାତନ ବାବୁ

ସନାତନ : ନମସ୍କାର । ବାଇଧର, ଖବର ସବୁ ଭଲଟି ?

ବାଇଧର : ହଁ ଆଜ୍ଞା ସବୁ ଭଲ । ଯୋଡ଼ାଯୋଡ଼ି ଧନ୍ଦାମୂଳ କାମ । ତା’ଛଡ଼ା ଅନ୍ୟ କାମ ।

ସନାତନ : ଭଲ ଭଲ । ପେଟ ପୋଷ ନାହିଁ ଦୋଷ ।

ବାଇଧର : ଆଜ୍ଞା ।

ସୁଇଟି : ଡାଡ଼୍ ଆପଣ ଗାଡ଼ି ପାଖରେ ଥାନ୍ତୁ । ମୁଁ ମୋ ସପିଙ୍ଗ୍ ସାରି ଆସୁଛି ।
(ବାଇଧରକୁ ଦେଖି) ହାଏ, (ପ୍ରସ୍ଥାନ)
(ବାଇଧର ସୁଇଟିକୁ ଦେଖି ଲୋଭେଇ)

ବାଇଧର : ହାଏ, ସନାତନ ବାବୁ ଇଏ ଆପଣଙ୍କ ଝିଅଟି ?

ସନାତନ : ହଁ ।

ବାଇଧର : ମୋତେ କାହିଁକି ସନ୍ଦେହ ଲାଗୁଛି ।

ସନାତନ : ତୁମେ କ’ଣ କହିବାକୁ ଚାହଁ ।

ବାଇଧର : ନାଇଁ କିଛି ନୁହେଁ ।

ସନାତନ : ମୁଁ ଓ ମୋର ଗୋଟିଏ ବୋଲି ସ୍ତ୍ରୀର ଇଏ ଗୋଟିଏ ପିସ୍ ।

ବାଇଧର : ଭଲ ଭଲ ।
(ବାଇଧର ଫୋନ୍ ରିଙ୍ଗ୍ ହେଲା । ଫୋନ୍ ଧରି)
ଆଜ୍ଞା ଗୋଟେ ମିନିଟ୍ । ହ୍ୟାଲୋ, ମୁଁ ବାଇଧର ମହାନ୍ତି କହୁଛି । କ’ଣ ହେଲା ? ବିଧବା ସ୍ୱାମୀ ହେବାକୁ ରାଜି ହେଉନି ? ବିଧବାର ସ୍ୱାମୀ ଆସିଲା କେଉଁଠୁ ? ଓଃ ସେ ବିଧବା ପଛରେ ସେ ଚଇଁଆ ପୁଅ ମହିଆ ଲଟପଟ ହେଉଥିଲା ? ଏବେ ବିଧବାର ସ୍ୱାମୀ ହେବାକୁ ରାଜି ହେଉନି ? ଅଲବତ ରାଜି ହେବ । ମୁଁ ଯିବି । (ଫୋନ୍ କାଟିଛନ୍ତି)

ସନାତନ : ବାଇଧର, ତୁମକୁ ଗୋଟିଏ କଥା କହିବାର ଅଛି ।

ବାଇଧର : ଗୋଟିଏ କାହିଁକି ଯେତେ ଇଚ୍ଛା ସେତେ କହିପାରନ୍ତି ।

ସନାତନ : ଆମ ଏ ସୁଇଟି ପାଇଁ ଗୋଟିଏ ବରପାତ୍ର ଦେଖନ୍ତୁ ।

ବାଇଧର : ସୁଇଟି ? କେଉଁ ସୁଇଟି ? ସିଏ କିଏ ?

ସନାତନ : ମୋ ଝିଅ ସୁଇଟି। ଏଇନା ପରା ଆପଣ ଦେଖିଲେ ?

ବାଇଧର : ଓଃ ସିଏ ଆପଣଙ୍କ ଝିଅ ? ମୋର ପୁଣି ସନ୍ଦେହ ହେଉଛି। ସେ ଝିଅ ନୁହେଁ ତ ଗୋଟିଏ ଜନ୍ତୁ।

ସନାତନ : ବାଇଧର ।

ବାଇଧର : ଆଜ୍ଞା ରାଗିଲେ କି ? ମୋତେ ସେମିତି ଲାଗିଲା ବୋଲି ଅପ୍ରିୟ ସତ୍ୟ କହିଦେଲି। ହଉ ଛାଡ଼ନ୍ତୁ ସେ କଥା। କ'ଣ କହୁଥିଲେ ?

ସନାତନ : ଆମ ସୁଇଟି ପାଇଁ ବରପାତ୍ରଟିଏ ଯୋଗାଡ଼ କରିବାକୁ। ଝିଅପାଇଁ ଭଲ ବରପାତ୍ରଟିଏ ଖୋଜି ଖୋଜି ଏ ପର୍ଯ୍ୟନ୍ତ ହେଲାନି। ବୟସ ଟିକେ ଗଡ଼ିଲାଣି। ୩୦ ହେଲାଣି।

ବାଇଧର : ଓଃ ବୟସ ଟିକେ ଗଡ଼ିଯାଇଛି। ଗଡୁ। ଯାଏ ଆସେ ନାହିଁ। (ଫୋନ୍ ରିଙ୍ଗ୍ ହେଲା। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ, ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ସନା ଝିଅ ମିନା ତା ଗୁପ୍ତରୋଗ ଭଲହେବାକୁ ବେଲୁନ ବାବା ପାଖକୁ ଯାଇଥିଲା ? ଏବେ ବେଲୁନ ବାବା ଓ ସେ ଝିଅ ଫେରାର ? ଗୁପ୍ତରୋଗ ଭଲ କରିବାକୁ ଅଜ୍ଞାତ ବାସରେ ଥିବେ। ସେ ଦି'ଜଣଙ୍କୁ ଧରିବା। (ଫୋନ୍ ରିଙ୍ଗ୍ ହେଲା। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ବିଧବା ଭତ୍ତା ? ଆରେ ସ୍ୱାମୀଟା ବଂଚିଛି ? ସ୍ୱାମୀ ବଂଚି ଥାଉ ଥାଉ ସ୍ତ୍ରୀର ବିଧବା ଭତ୍ତା ହେବ କେମିତି ? ହଉ ଦେଖିବା। ଯଦି କୌଣସି ପ୍ରକାରେ ସ୍ୱାମୀର ମୃତ୍ୟୁ ସାର୍ଟିଫିକେଟ୍ ମିଳିଯାଏ, ତେବେ ଯାଇ ଯାହା।

ସନାତନ : ବାଇଧର ବାବୁ, ଟିକେ ଫୋନ ବନ୍ଦ କର।

ବାଇଧର : ଆଜ୍ଞା ଗୋଟେ ମିନିଟ୍ ।
(ଫୋନ୍ ବନ୍ଦ କରି) ଫୋନ୍ ବନ୍ଦ କଲି କୁହନ୍ତୁ।

ସନାତନ : ମୋ ଝିଅକୁ ତ ଦେଖିଲ ପୂରା ଆଡ୍‌ଭାନସ୍। ଦିନରାତି ଫୋନ୍‌ରେ ଖାଲି ଚ୍ୟାଟିଙ୍ଗ୍ କରୁଛି। ଆଉ କ'ଣ କ'ଣ କରୁଛି ମୁଁ କହିପାରିବିନି। ଆଜି ଇଆଡ଼େ ତ କାଲି ସିଆଡ଼େ। ମୁଁ କ'ଣ କରିବି କିଛି ବୁଝିପାରୁନି। ତା ମା କଥା ତ ଛାଡ଼ ।

## ଆଜ୍ଞା ଗୋଟେ ମିନିଟ୍

ବାଇଧର : ଆପଣଙ୍କ ଝିଅର ଚଳିଚଳନ, ଢଙ୍ଗଢ଼ାଙ୍ଗ ତ ସେମିତି ଜଣାପଡୁଛି। ଲଗାମ ନାହିଁ। ଏତେଦିନ ଧରି ଏ ଜନ୍ତୁଟାକୁ କାହିଁକି ସାଇତି ରଖିଛନ୍ତି ?

ସନାତନ : ଆଉ କ'ଣ କରିଥାନ୍ତି ? ଖାନଦାନୀ ଘର। ଗୋଟିଏ ବୋଲି ଝିଅ। ଗେଲବସରରେ ବଢ଼ିଛି। ଡାକ୍ତର ଜ୍ୱାଇଁଟିଏ କରିବି ବୋଲି ଖୋଜି ଖୋଜି ନୟାନ୍ତ ହେଲିଣି। ଯିଏ ଥରେ ଦେଖିକି ଯାଉଛି ଆଉ କିଛି ଉତ୍ତର ଦେଉନାହାନ୍ତି।

ବାଇଧର : (ମନକୁ ମନ) କେମିତି ଦେବେ ? ଏ ଜନ୍ତୁକୁ କିଏ ପୋଷିବ ?

ସନାତନ : କ'ଣ କହିଲେ କି ?

ବାଇଧର : ନାଇଁ କିଛି ନାହିଁ। ତାହାଲେ ଆପଣଙ୍କ ଡାକ୍ତର ଜ୍ୱାଇଁ ଦରକାର ? ଠିକ୍ ଅଛି। (ମନେପକାଇ) ମୋ ନଜରରେ ଜଣେ ଅଛନ୍ତି। (ଫୋନ୍ ରିଙ୍ଗ୍ ହେଲା। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ, ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ଭୂତ ଭତ୍ତା ନେଉଛି ? ମାନେ ? ଲୋକ ମଲେଣି କିନ୍ତୁ ଭତ୍ତା ଲିଷ୍ଟ୍‌ରୁ ତା ନାଆଁ କଟିନି ? ଭତ୍ତା ଆସୁଛି। ଭତ୍ତା ନେଉଛି କିଏ ଜଣାପଡୁନି। ହଉ କୋଉ ଭୂତ ସେ ଭତ୍ତା ନେଉଛି ଧରିବା। ସନାତନ ବାବୁ, କିଛି ଭାବିବେନି। ମୋତେ ସମସ୍ତେ ଏମିତି ବାଟରେ ଘାଟରେ ହଇରାଣ କରନ୍ତି। ହଁ କ'ଣ କହୁଥିଲେ ? ଜ୍ୱାଇଁ କଥା। ମୋ ନଜରରେ ସେମିତି ଜଣେ ଡାକ୍ତର ଜ୍ୱାଇଁ ଅଛନ୍ତି। କିନ୍ତୁ ବୟସ ଟିକେ ଗଡ଼ିଯାଇଛି। ବାଳ ପାଚିଯାଇଛି। କଳା କରିଦେବା। ଏବେ ତ ପିଲାମାନଙ୍କର ବାଳ ପାଚିଯାଉଛି।

ସନାତନ : ତୁମେ ଡାକ୍ତରବାବୁଙ୍କୁ ଝିଅଙ୍କୁ ଦେଖାଇବାକୁ ଘରକୁ ଥରେ ଡାକିଆଣ। ତା'ପରେ ଯାଇ ଯାହା। (ଏହି ସମୟରେ ମଂଚରେ ପ୍ରବେଶ କଲେ ସୁଇଟି)

ସୁଇଟି : କାହାକୁ ଘରକୁ ଡାକିବେ ଡାଡ୍ ?

ସନାତନ : ତୋ ବାହାଘର ପାଇଁ ପ୍ରସ୍ତାବ ଠିକ୍ କରୁଛୁ। ତୋତେ ଦେଖିବାକୁ ଘରକୁ ଆସିବେ।

ସୁଇଟି : ଏ ଦେଖାଦେଖି ମୋତେ ମୋଟେ ପସନ୍ଦ ଲାଗୁନି।

ସନାତନ : ସାମାଜିକ ବିଧି ଅନୁସାରେ କରିବାକୁ ପଡ଼ିବ ମା ।

ବାଇଧର : (ନିଜକୁ ନିଜେ) ଜନ୍ତୁକୁ ସମ୍ଭାଳ।

ସୁଇଟି : ମୋତେ କ'ଣ କହିଲେ କି ?

ବାଇଧର : ନାଁ ।

ସୁଇଟି : (ସନାତନକୁ ଭିଡ଼ି) ଡାଡ୍ ଆସ ଘରକୁ ଯିବା। ଘରକୁ ଗଲେ ଡ୍ରେସ୍ ଚେଂଜକରି ପାର୍କକୁ ଯିବି।

ସନାତନ : ଏଥର ଇଆଡ଼େ ସିଆଡ଼େ ଯିବା ବନ୍ଦକର। ବାଇଧର ବାବୁ ମୁଁ ଏବେ ଆସୁଛି। ତୁମେ ଯେବେ ଆସିବ ଫୋନ୍ କରି ଆସିବ।

ବାଇଧର : ଆଜ୍ଞା । (ସୁଇଟି, ସନାତନ ପ୍ରସ୍ଥାନ। ସୁଇଟି ଗଲାବେଳେ ବାଇଧରକୁ ଧକାଏ ପକାଇ ଯାଉଛି। ବାଇଧର ତାକୁ ଅନେଇ) ଧନ୍ୟରେ ଜନ୍ତୁ। ବୁଢ଼ା ଡାକ୍ତରବାବୁ ତୋତେ ସମ୍ଭାଳି ପାରିବେ ତ ? ଚେଷ୍ଟା କରିବା ଜୁଟେଇବାକୁ। (ଫୋନ୍ ରିଙ୍ଗ୍ ହେଲା। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ, ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ଗାଆଁରେ ଷଣ୍ଢ ମାତିଛି ? ମୁଁ କ'ଣ କରିବି ? ପଶୁ ବିଭାଗକୁ ଫୋନ୍ କର। ଧେତ୍। (ଫୋନ୍ ବନ୍ଦ କଲେ, ପ୍ରବେଶ କଲେ ପ୍ରେମାନନ୍ଦ ଆଶ୍ରମର ପ୍ରେମାନନ୍ଦ ବାବାଙ୍କ ଚେଲା ଲଣ୍ଡେଶ୍ୱର।)

ଲଣ୍ଡେଶ୍ୱର: ଏବେ ମାର୍କେଟକୁ ଆସିଗଲା, ପ୍ରେମାନନ୍ଦ ବାବାଙ୍କ ପ୍ରେମାନନ୍ଦ ତୈଳ, ପ୍ରେମରାଜ ଗ୍ଲାମର ଟନିକ୍, ପ୍ରେମାନନ୍ଦ ମଲମ, ପ୍ରେମସୁଧା ମୋଦକ, ପ୍ରେମ ରସାବଳୀ, ପ୍ରେମ ଗର୍ଭନଷ୍ଟ ଚୂର୍ଣ୍ଣ, ପ୍ରେମ ସୁଧା ପୁତ୍ର ଗୁଟିକା। ଥରେ ବ୍ୟବହାର କଲେ ଜାଣିବେ।

ବାଇଧର : କିଏ ତୁମେ ?

ଲଣ୍ଡେଶ୍ୱର: ପ୍ରେମାନନ୍ଦ ବାବାଙ୍କ ଚେଲା ଲଣ୍ଡେଶ୍ୱର ।

ବାଇଧର : ସେଥିପାଇଁ ବାଳ ଗୋଟିଏ ନାହିଁ। ଭଲ ଭଲ। ଆଚ୍ଛା ଲଣ୍ଡେଶ୍ୱର ତୁମ ବାବାଙ୍କ ଏ ପ୍ରେମ ଉପରେ ରିସର୍ଚ୍ଚ ଜୋର ବୋଧେ।

ଲଣ୍ଡେଶ୍ୱର : ଏବେ ପି.ଏଚ୍.ଡ଼ି କରୁଛନ୍ତି। ଆପଣଙ୍କ ପରିଚୟ ?

ବାଇଧର : ବାଇଧର ମହାନ୍ତି। ସେ ପ୍ରେମସୁଧା ପୁତ୍ର ଗୁଟିକାଟା କ'ଣ ?

ଲଣ୍ଡେଶ୍ୱର : ତାହା କେବଳ ଗର୍ଭବତୀ ମହିଳାଙ୍କ ପାଇଁ। ଗର୍ଭର ପ୍ରଥମ ମାସରୁ ମାସକୁ ଗୋଟିଏ କରି ଖାଇ ଦଶ ମାସକୁ ୧୦ଟି ଗୁଟିକା ଖାଇଲେ ପୁଅ ହେବ ?

ବାଇଧର : ଝିଅ ହେବାର ଥିଲେ ବି ଏ ଗୁଟିକା ଖାଇଲେ ପୁଅ ହେବ।

## ଆଜ୍ଞା ଗୋଟେ ମିନିଟ୍

ଲଣ୍ଡେଶ୍ୱର: ନିଶ୍ଚୟ। ପରୀକ୍ଷା ସରିଛି।

ବାଇଧର : ଲଣ୍ଡେଶ୍ୱର ତାହାଲେ ଏ ସଂସାର ଷଣ୍ଢମୟ ହୋଇଯିବ। ସଂସାର ଧ୍ୱଂସ ହେବ।

ଲଣ୍ଡେଶ୍ୱର: ନାଁ, ବାବା ପୁଣି କ'ଣ ଗୋଟାଏ ପ୍ଲାନ କରିବେ।

ବାଇଧର : (ଫୋନ୍ ରିଙ୍ଗ୍ ହୋଇଛି। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ, ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ପ୍ରେମାନନ୍ଦ ବାବାଙ୍କ ଆଶ୍ରମ ରେଡ୍ ହେବ। କେତେବେଳେ ? ନିଶ୍ଚୟ ଯିବି ?

ଲଣ୍ଡେଶ୍ୱର: ବାଇଧର ବାବୁ କ'ଣ କହିଲେ ?

ବାଇଧର : ପ୍ରବଚର ଛାଡ଼ି ଆଶ୍ରମ ଯା ବୁଝିବେ। (ଫୋନ୍ ରିଙ୍ଗ୍ ହୋଇଛି। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ, ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ଫୋନ ରଖ। ମୁଁ ଏଇନା ଯାଇପାରିବିନି।

(ଲଣ୍ଡେଶ୍ୱର, ବାଇଧର ପ୍ରସ୍ଥାନ।)

**ଅନ୍ଧକାର**

## ୨ୟ ଦୃଶ୍ୟ

(ଡାକ୍ତର ମୋହନ ଦାସଙ୍କ ପ୍ରାଇଭେଟ କ୍ଲିନିକ୍। ସମୟ ସକାଳ। ଡାକ୍ତର ମୋହନ ଦାସ ବସି ଏକ ଜରନାଲ ପଢୁଛନ୍ତି। ପ୍ରବେଶ କଲେ ଏକ ରୋଗୀ।)

ରୋଗୀ : (ପେଟରେ ହାତ ଦେଇ) ମରିଗଲି ବାବୁ ମରିଗଲି। ମାରିଲା ବାବୁ ମାରିଲା।

ଡା.ମୋହନ : କୋଉଠିକି ମାରିଲା ?

ରୋଗୀ : ପେଟକୁ ମାରୁଛି। ପିଠିକୁ ମାରୁଛି। ଅଂଟାକୁ ମାରୁଛି। ବେକକୁ ମାରୁଛି। ମୁଣ୍ଡକୁ ମାରୁଛି। ସବୁଆଡ଼େ ମାରୁଛନ୍ତି ବାବୁ।

ଡା.ମୋହନ : ଆରେ ଗୋଟିଏ ଯାଗା ସିନା ଦେଖେଇଲେ ଦେଖିବି।

ରୋଗୀ : ମାରିଲା ବାବୁ। ମାରିଲା।

ଡା.ମୋହନ : ଆରେ କୋଉଠିକି ?

ରୋଗୀ : ସବୁଆଡ଼େ ମାରୁଛନ୍ତି ବାବୁ।

ଡା.ମୋହନ : ମାରନ୍ତୁ ମାରନ୍ତୁ। ଭଲକରି ମାରନ୍ତୁ। କଥା ନମାନିଲେ ସେମିତି ମାରିବେ।

ରୋଗୀ : କି କଥା କହୁଛନ୍ତି ଆଜ୍ଞା? ଡାକ୍ତର ମୋହନ ଦାସ ଜଣେ ଭଲ ଡାକ୍ତର ବୋଲି ଏ ଆଖପାଖରେ ନାଁ ଅଛି ବୋଲି ଆସିଲି। ଆପଣ କହୁଛନ୍ତି ମାରନ୍ତୁ। ମାରିଲା ବାବୁ। ମରିଗଲି ବାବୁ ମରିଗଲି।

ଡା.ମୋହନ : ହଉ ଟିକେ ଶୁଣ, ମୁଁ ଦେଖିସାରେ। (ରୋଗୀ ପରୀକ୍ଷା ଟେବୁଲରେ ଶୋଇଲା। ଡା.ମୋହନ ଦେଖିଲେ। ରୋଗୀ ମଝିରେ ମଝିରେ ମାରିଲା ବାବୁ ମାରିଲା ବାବୁ ପାଟି କରୁଛି।) ଠିକ୍ ଅଛି। (ଡା.ମୋହନ ଏକ ବଡ଼ ସିରିଂଜରେ କିଛି ଔଷଧ ରଖି ଏକ ଲମ୍ବା ଛୁଂଚି ଲଗାଇ ରୋଗୀକୁ କହିଲେ) ଟିକେ ଖୁରା ଟେକ।

ରୋଗୀ : ମାନେ ?

ଡା.ମୋହନ : ତା ବି ବୁଝାଇବାକୁ ପଡ଼ିବ। ଟାଙ୍ଗ ଟେକ।

ରୋଗୀ : କାହିଁକି ?

ଡା.ମୋହନ : ଇଂଜେକସନ୍ ଦିଆଯିବ।

ରୋଗୀ : ଏଡ଼େ ସିରିଂଜ, ଏଡ଼େ ଛୁଂଚି, ଏତେ ଔଷଧ ?

ଡା.ମୋହନ : ଏଥିରେ ସବୁ ବେମାରିକୁ ଔଷଧ ଅଛି। ଏହା ନାଆଁ ହେଲା ସର୍ବମରା ମାଇସିନ। ଖୁରା ଟେକ।

## ଆଜ୍ଞା ଗୋଟେ ମିନିଟ୍

ରୋଗୀ : ଏ ମୋ ବୋପାଲୋ..... ମୋର ଭଲ ହୋଇଗଲା ।
(ରୋଗୀ ଭୟରେ ଉଠି ଚଂପଟ।)

ଡା.ମୋହନ : ଆରେ ଇଂକେକସନ ଟଙ୍କା ? ଗଲା। ସକାଳୁ କାହା ମୁହଁ ଚାହିଁଥିଲି ଯେ ସକାଳୁ ସକାଳୁ ଲସ। (ପ୍ରବେଶ କଲେ ଫୋନ୍‌ରେ କଥା ହୋଇ ବାଇଧର।)

ବାଇଧର : ସାର୍, ନମସ୍କାର।

ଡା.ମୋହନ : ନମସ୍କାର, ନମସ୍କାର। ଆରେ ବାଇଧର ବାବୁ ତୁମେ? ବହୁଦିନ ହେଲା ଦେଖା ଦର୍ଶନ ନଥିଲା। ଏମିତି ହଠାତ୍?

ବାଇଧର : ଆପଣଙ୍କ କଥା ମନେପଡ଼ିଲା।

ଡା.ମୋହନ : ଭଲ ଭଲ। ଆଉ ତୁମର ସେ ଯୋଡ଼ାଯୋଡ଼ି ବେପାର ଭଲରେ ଚାଲିଛି ତ?

ବାଇଧର : ହଁ, ଆଜ୍ଞା ଅଳ୍ପ ବହୁତେ ଚାଲିଛି। ଆପଣ କ'ଣ ଟିକେ ଆଗ ଅପେକ୍ଷା ଝଡ଼ି ଯାଇଛନ୍ତି।

ଡା.ମୋହନ : ଖାଇବା ପିଇବା ଠିକ୍ ହୋଇପାରୁନି। ଏକୁଟିଆ ଲୋକ। ରୋଷେଇ କରି ନିଜେ ଖାଇ କ୍ଲିନିକ୍ କରିବା କଷ୍ଟ ହେଉଛି।

ବାଇଧର : ନିଜେ ରୋଷେଇ କରି ଖାଇ ରୋଗୀ ସେବା କରିବା ମୋତେ କାହିଁକି ଠିକ୍ ଲାଗୁନି।

ଡା.ମୋହନ : ଆଉ କ'ଣ କରିଥାନ୍ତି ? ବାହା ହେବାପାଇଁ ଗୋରା ଝିଅ ଖୋଜି ଖୋଜି ବୟସ ଗଡ଼ିଗଲା ସିନା କିନ୍ତୁ ଝିଅ ଠିକ୍ ହୋଇପାରିଲାନି। ଆସି ୬୦ ବର୍ଷ ହେଲା। ଆଉ ଏ ବୟସରେ ବାହା କ'ଣ ହେବି?

ବାଇଧର : ସାର୍, ଆପଣ ରାଜି ହେଲେ ମୁଁ ଠିକ୍ କରଦେବି। ପୁରା ଗୋରା ତକ୍ ତକ୍ ଝିଅ। ଅନ୍ଧାରରେ ଆଲୁଅ କରିଦେବ। ଡା.ମୋହନ ଦାସଙ୍କୁ ଏ ଅଞ୍ଚଳର କିଏ ନଜାଣେ?

ଡା.ମୋହନ : ନା, ଆଉ ନୁହେଁ। ତୁ ସେ ବିଷୟରେ ମୋତେ କହନା।

ବାଇଧର : (ମନକୁ ମନ) ଏ ବୁଢ଼ା ତ ରାଜି ହେଉନି। ଆଉ ଗୋଟାଏ କ'ଣ ପ୍ଲାନ କରିବା। ଆଜ୍ଞା ଛାଡ଼ନ୍ତୁ ସେ କଥା। ଯେଉଁଥିପାଇଁ ଆସିଥିଲି ସେକଥା କହିବାକୁ ଭୁଲିଯାଇଛି।

ଡା.ମୋହନ : କ'ଣ ?

ବାଇଧର : ଗୋଟିଏ ରୋଗୀ ଦେଖିବାକୁ ଯିବା।

ଡା.ମୋହନ : ମୁଁ ତ ବାହାରକୁ ରୋଗୀ ଦେଖିବାକୁ ଯାଏନି।

ବାଇଧର : ମୁଁ ଜାଣେ। ହେଲେ କ'ଣ କରିବି। ପରିସ୍ଥିତିରେ ପଡ଼ି କହୁଛି। ଆଉ କେବେ କହିବିନି। ଅବିବାହିତ ଝିଅଟା। କ'ଣ ରୋଗ ହୋଇଛି ଯେ ଚାଲିପାରୁନି।

ଡା.ମୋହନ : ତୁମେ ଯେତେବେଳେ କହୁଛ ଏଇଥରକ ଯିବି।

ବାଇଧର : (ଖୁସିରେ) ଠିକ୍ ଅଛି। (ଫୋନ୍ ରିଙ୍ଗ ହେଲା। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ଚିଫ୍ ମିନିଷ୍ଟର ପୁଅ ବାହାଘର ପାଇଁ ପ୍ରସ୍ତାବ। ଚିଫ୍ ମିନିଷ୍ଟର ପରା ବାହା ହୋଇନାହାନ୍ତି। ପୁଅ ଆସିଲା କୋଉଠୁ ? ଓଃ ପୁଅ କରିଛନ୍ତି ? ହଁ, ଏମିତି କେତେ କରୁଛନ୍ତି। ସେ କରିଥିବେ। ହଉ ବୁଝିବା। (ଫୋନ୍ ରିଙ୍ଗ୍ ହେଲା। ଫୋନ୍ ଧରି।) ଆଜ୍ଞା ଗୋଟେ ମିନିଟ୍।

ଡା.ମୋହନ : ସେ ଫୋନ୍ ବନ୍ଦ କର।

ବାଇଧର : (ଫୋନ୍ ବନ୍ଦ କରି) ଫୋନ୍ ବନ୍ଦ କଲି କୁହନ୍ତୁ।

ଡା.ମୋହନ : କୋଉଠିକି ଯିବା ?

ବାଇଧର : ଏଇ ତଳ ସାହି ସନାତନ ବଳୀୟାରସିଂହ ଘରକୁ।

ଡା.ମୋହନ : ମୋର ବହୁତ କାମ ଅଛି। ବେଶି ଡ଼େରି ଯେମିତି ନହୁଏ। ଚାଲ ଏବେ ଯିବା।

ବାଇଧର : ଆସନ୍ତୁ। (ଫୋନ୍ ରିଙ୍ଗ ହେଲା। ଫୋନ୍ ଧରି। ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ ମୁଁ ବାଇଧର ମହାନ୍ତି କହୁଛି। କ'ଣ ହେଲା ? ଆମ ଗାଁ ବ୍ରାହ୍ମଣୀ ଦେବୀ ମନ୍ଦିର ଭଙ୍ଗା ହେବ ? ବୁଲଡ଼ୋଜର ଛିଡ଼ା ହୋଇଛି ? ସବୁ ବନ୍ଦ କର। ଯେଉଁମାନେ ଗାଆଁକୁ ଆସିଛନ୍ତି ଗଛରେ ବାନ୍ଧିଦିଅ। ଆଗ ଧଳା ହାତୀମାନଙ୍କର ଘର ଭଙ୍ଗାହେବ। ତା'ପରେ ଆମ ମନ୍ଦି କଥା। ନହେଲେ ରକ୍ତ ନଦୀ ବହିବ। ମୁଁ ଯାଇ ପହଂଚୁଛି।)

ଡା.ମୋହନ : ବାଇଧର, ଫୋନ ବନ୍ଦ କର। ଚାଲ।

ବାଇଧର : (ଫୋନ୍ ବନ୍ଦ କରି) ଫୋନ୍ ବନ୍ଦ କଲି। ଚାଲନ୍ତୁ।

(ଡା.ମୋହନ, ବାଇଧର ପ୍ରସ୍ଥାନ।)

**ଅନ୍ଧକାର**

## ୩ୟ ଦୃଶ୍ୟ

(ସନାତନ ବାବୁଙ୍କ ଘର। ଆଧୁନିକ ସାଜସଜ୍ଜା। ସମୟ ଦ୍ୱିପ୍ରହର। ସନାତନ ବାବୁ ଘରେ ଏପଟ ସେପଟ ହେଉଛନ୍ତି।)

ଡା.ମୋହନ : କ'ଣ ?

ସନାତନ : ବୁଲା।

ବୁଲା : (ପ୍ରବେଶି) ବାବୁ, ଡାକୁଥିଲେ ?

ସନାତନ : ହଁ। ଆରେ ବାଇଧର ବାବୁ ଫୋନ୍ କରିଥିଲେ। ସେ ଡାକ୍ତର ଜୋଇଁଙ୍କୁ ଧରି ଏବେ ଆସି ପହଂଚିବେ। ଖାଇବା ପିଇବା ସବୁ ରେଡ଼ି ତ। ଯେମିତି କେଉଁଥିରେ ଟିକେ ଏପଟ ସେପଟ ନହୁଏ।

ବୁଲା : ସବୁ ରେଡ଼ି ଆଜ୍ଞା। ଏ ବୁଲା ଥାଉ ଥାଉ ଆପଣ ମୋଟେ ଚିନ୍ତା କରନ୍ତୁନି। ସବୁ କାମ ଭଲରେ ଭଲରେ ହେବ। ଖାଲି ସୁଇଟି ମାଆ ଟିକେ ମାରଣା ଷଣ୍ଢ ପରି ହେଉଛନ୍ତି।

ସନାତନ : ତାରି ପାଇଁ ତ ସବୁ ଏ ନାଟ। ସେ ଯଦି ପୁଣି କିଛି ଅସୁବିଧା କରେ ସବୁ ସରିଯିବ। ତୁ ଟିକେ ସୁଇଟିକୁ ବୁଝାବୁଝି କର। ସେ ତୋ କଥା ନିଶ୍ଚୟ ଶୁଣିବ।

ବୁଲା : ମୁଁ ଚେଷ୍ଟା କରିବି।

ସନାତନ : (ଦୂରକୁ ଚାହିଁ) ବୁଲା, ବୋଧେ ଆସିଗଲେ। ତୁ ଆଗ ପାଣିଢ଼ାଳ ଆଣି ବାବୁଙ୍କ ଗୋଡ଼ ଧୁଆଧୁଇ କର। ମୁଁ ଅନ୍ୟ କଥା ବୁଝୁଛି।

ବୁଲା : ଆଜ୍ଞା। (ସନାତନ ବାବୁ, ବୁଲା ପ୍ରସ୍ଥାନ। ବୁଲା ପାଣିଢ଼ାଳ ଧରି ପ୍ରବେଶ। ବାଇଧରକୁ ଦେଖି) ଆଜ୍ଞା ନମସ୍କାର।

ସନାତନ : ନମସ୍କାର।

ବୁଲା : ପ୍ୟାଂଟ ଟେକନ୍ତୁ।

ବାଇଧର : କାହିଁକି ?

ବୁଲା : ଧୋଇବି।

ବାଇଧର : (ମନକୁ ମନ) ଏଠି ମଧ୍ୟସ୍ଥିଙ୍କର କ'ଣ ଗୋଡ଼ ଧୁଆଯାଏ। ଭଲ ଭଲ।

ବୁଲା : କ'ଣ କହିଲେ କି ?

ବାଇଧର : ନାଇଁ।

(ଗୋଡ଼ ଦେଖେଇଲେ। ବୁଲା ଗୋଡ଼ ଧୋଇ ଗାମୁଛାରେ ପୋଛିଲା।)

ବୁଲା : ଯାହା ହେଉ ଆମ ସୁଇଟି ମା'ଙ୍କ ପାଇଁ ଭଲ ବରଟିଏ ଶେଷକୁ ମିଳିଲା।

ବାଇଧର : ଚମକି ନାଇଁ ନାଇଁ ମୁଁ ବର ନୁହେଁ। ବର ଆସୁଛନ୍ତି।

ବୁଲା : ଏଁ, ମୋତେ ଟିକେ ଆଗରୁ କହିଲେନି। ଯା, ମୋ ପ୍ରେଷ୍ଟିଜଗଲା।

ବାଇଧର : ଯୋଉତ ପ୍ରେଷ୍ଟିଜ ଅଛି।
(ଫୋନ୍ ରିଙ୍ଗ୍ ହେଲା। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ, ହଁ ମୁଁ ବାଇଧର ମହାନ୍ତି କହୁଛି। କ'ଣ କହିଲେ ? ଏସ୍.ପି.ଙ୍କ ଝିଅ ବାହାଘର ପାଇଁ ପ୍ରସ୍ତାବ। ହଉ ଯୋଗାଡ଼ କରିବା।

ସନାତନ : (ପ୍ରବେଶି) ବାଇଧର ବାବୁ ଜ୍ୱାଇଁ କୁଆଡ଼େ ଗଲେ ?

ବାଇଧର : ଆଜ୍ଞା ଗୋଟେ ମିନିଟ୍। (ଫୋନ୍ ବନ୍ଦ କରି) ଆସୁଛନ୍ତି। ନମସ୍କାର ସନାତନ ବାବୁ।

ସନାତନ : ନମସ୍କାର।

ବୁଲା : (ଦୂରରୁ ଦେଖି) ଏଇ ବୁଢ଼ାଟା ?

ସନାତନ : ଚୁପ୍। ତୁ ଯା ପାଣିଢ଼ାଳ ଧରି ଆ।

ବୁଲା : ଆଜ୍ଞା। (ପ୍ରସ୍ଥାନ। ପ୍ରବେଶ କଲେ ଡା.ମୋହନ ଦାସ)

ସନାତନ : ନମସ୍କାର।

ଡା.ମୋହନ : ନମସ୍କାର। (ପ୍ରବେଶ କଲା ହାତରେ ପାଣିଢ଼ାଳ ଧରି ବୁଲା।)

ବୁଲା : ବାବୁ ନମସ୍କାର।

ଡା.ମୋହନ : ନମସ୍କାର।

ବୁଲା : ଗୋଡ଼ ଦେଖାନ୍ତୁ। ଡା.ମୋହନ  କାହିଁକି  ?

ବୁଲା : ଧୋଇବି।

ଡା.ମୋହନ : କାହିଁକି  ?

ବାଇଧର : ସମ୍ମାନ ଆଜ୍ଞା। ଓଡ଼ିଆ ଘରର ପରମ୍ପରା। ଅତିଥି ଦେବୋଃ ଭବଃ। (ଡା.ମୋହନ ଗୋଡ଼ ଦେଖାଇଲେ। ବୁଲା ଧୋଇଲା। ଗାମୁଛାରେ ପୋଛିଲା।) ବସନ୍ତୁ। (ଡା.ମୋହନ ବସିଲେ। ବୁଲା ଭିତରକୁ ଯାଇ ମିଠା ଆଣି ଆସିଲା।

ଡା.ମୋହନ : ମୁଁ ଆସିଛି କୁଆଡ଼େ ? ଏସବୁ କ'ଣ ହେଉଛି ?

ବାଇଧର : ଇଏ ବି ଓଡ଼ିଆ ଘରର ପରମ୍ପରା, ସମ୍ମାନ।

ସନାତନ : ହଁ ଆଜ୍ଞା। ମିଠା ଖାଆନ୍ତୁ। (ସନାତନ ଡା.ମୋହନଙ୍କ ପାଟିରେ ମିଠା ଭର୍ତ୍ତି କରିଛନ୍ତି। ଡା.ମୋହନ ଖାଇଛନ୍ତି। ପାଣି ପିଇଛନ୍ତି।)

ଡା.ମୋହନ : ବାଇଧର, ମୁଁ ଏଠିକି ଖାଇବାକୁ ଆସିନି। ଦେଖିବାକୁ ଆସିଛି।

## ଆଜ୍ଞା ଗୋଟେ ମିନିଟ୍

ବାଇଧର : ସାର୍, ଇଏ ସବୁ ଓଡ଼ିଆ ଘରର ପରମ୍ପରା। ଖାନଦାନୀ ଘର ତ। ପରମ୍ପରାରୁ ସେ ବାଦ୍ ଯିବେ କେମିତି ? ଆପଣ ବ୍ୟସ୍ତ ହୁଅନ୍ତୁନି। ଯେଉଁଥିପାଇଁ ଆସିଛନ୍ତି ସିଏ ସାଙ୍ଗେ ସାଙ୍ଗେ ଆସିବେ। ହେଇ ଆସିଲେଣି ତ। (ପ୍ରବେଶ କଲେ ସୁଇଟି। ଆଧୁନିକ ସାଜସଜ୍ଜା। ମୁଣ୍ଡରେ ଓଢ଼ଣୀ ପକେଇ ଆସିଛି। ଚେୟାରରେ ବସିଛି।) ଏଥର ସମସ୍ତେ ଚାଲନ୍ତୁ। ଡାକ୍ତର ବାବୁ ଦେଖିବେ।

ସନାତନ : ଠିକ୍ କଥା। (ସନାତନ, ବୁଲା, ବାଇଧର ପ୍ରସ୍ଥାନ। ସୁଇଟି ଚେୟାରରେ ବସି ଏପଟ ସେପଟ ହେଉଥାଏ।)

ଡା.ମୋହନ : ଠିକ୍‌ରେ ବସ। ଏପଟ ସେପଟ ହୁଅନି। ମୁଁ ଚେକ୍ କରିବି। (ହାତଧରି ପଲ୍‌ସ ଦେଖିଲାବେଳକୁ ସୁଇଟି ଭିଡ଼ି ହେଉଥାଏ।
ଏମିତି କ'ଣ ହେଉଛ। ମୁଁ ଦେଖିବି କେମିତି ? (ଡା.ମୋହନ ଷ୍ଟେଥୋସ୍କୋପ ଛାତିରେ ପକାଇ ଚେକ୍‌ଅପ୍ କଲେ। ସୁଇଟି ଏପଟ ସେପଟ ହେଉଥାଏ।) ଏମିତି ହେଲେ କିଛି ଜଣାପଡ଼ିବନି। ଓଢ଼ଣୀ ଟେକ। (ସୁଇଟି ଓଢ଼ଣୀ ଟେକିନି।) ମୁଁ ଦେଖିବି କେମିତି ? ଟିକେ ଶୁଅ। (ସୁଇଟି ଶୋଇନି। ଡା.ମୋହନ ସୁଇଟିକୁ ଧରି ଶୁଆଇବାକୁ ଯାଇଛନ୍ତି। ସୁଇଟି ଓଢ଼ଣୀ ଫୋପାଡ଼ି ରାଗରେ ଡା.ମୋହନଙ୍କ ଗାଲରେ ଏକ ଶକ୍ତ ଚାପୁଡ଼ା ମାରିଛି। ଡାକ୍ତର ଗାଲ ଆଉଁସିଛନ୍ତି। ଶବ୍ଦଶୁଣି ବାଇଧର ପ୍ରବେଶ। ଡା.ମୋହନ ବାଇଧର ଗାଲରେ ଏକ ଶକ୍ତ ଚାପୁଡ଼ା ମାରିଛନ୍ତି ?)

ବାଇଧର : (ଗାଲ ଆଉଁସି) କ'ଣ ଫୁଟିଲା ? କିଏ ମାଇଲା ?

ସୁଇଟି : ତୋ ବୋପା ମାଇଲା। ଆବେ ଏ ବୁଢ଼ା, ତୁ ମୋତେ ବାହା ହେବାକୁ ଆସିଛୁ ? ଆଇନାରେ ତୋ ମୁହଁ ଦେଖିଛୁ ? ଆବେ ମୋ ପଛରେ କେତେ ଟୋକା ଲାଇନ୍ ମାରୁଛନ୍ତି ତା'ର ହିସାବ ନାହିଁ। ସେଥିରେ ମନ୍ତ୍ରୀ ପୁଅ, ଏମ.ଏଲ.ଏ. ପୁଅ, ଏମ୍.ପି ପୁଅ, ଆଇ.ଏ.ଏସ୍. ଅଫିସର ପୁଅ, ଆଇ.ପି.ଏସ୍.ଅଫିସର ପୁଅ, ଆଉ କେତେ ଅଫିସରଙ୍କ ପୁଅ ଅଛନ୍ତି ତା'ଠିକ୍ ନାହିଁ। ତା'ଛଡ଼ା ମୁଁ ଚାହିଁଲେ ୬ମାସିକା, ବର୍ଷକିଆ କଂଟ୍ରାକ୍ଟ ମ୍ୟାରେଜ କରିବି। ଏ ବୁଢ଼ା ମାଙ୍କଡ଼ ମୋତେ ବାହା ହେବାକୁ ସାହସ କଲୁ କେମିତି ?

ଡା.ମୋହନ : (ମନକୁ ମନ) ଇଏ ତାହାଲେ ସବୁ ବାଇଧର କାମ। ବାଇଧର, ଇଏ ସବୁ କ'ଣ ହେଉଛି ?

ବାଇଧର : କିଏ ଡାକିଲା ? (ଗାଲୁଆଙ୍କ ପରି ଫୋନ୍ କରୁଥାଏ))

ଡା.ମୋହନ : ମୁଁ ଡାକୁଛି । ହଇରେ ବାଇଧର ମୋତେ ରୋଗୀ ଦେଖିବା ନାଆଁରେ ଝିଅ ଦେଖାଇବାକୁ ଆଣି ମାଡ଼ ଖୁଆଇଲୁ ? ମୋ ସମ୍ମାନରେ ଆଣିଲୁ ? ତୋତେ ଆଉ କେହି ମିଳିଲେନି ?

ସୁଇଟି : କ'ଣ ହେଲା ? ଏ ବାଇଧର ତାହାଲେ ସବୁ ଏ ନାଟର ଗୋବର୍ଦ୍ଧନ । ମିଛ ସତ କହି ଟାଉଟରୀ କରୁଛି । ଏ ଏଠିକି ଆ । (ବାଇଧର ନ ଶୁଣିଲା ପରି ଫୋନ ରିଙ୍ଗ୍ କରୁଛି) ଆରେ ଶୁଭୁନି ।

ବାଇଧର : କାହାକୁ ଡାକିଲେ ?

ସୁଇଟି : ତୋତେ ଡାକୁଛି ତୋତେ । (ବାଇଧର ପୁଣି ଶୁଣି ନଶୁଣିଲା ପରି ହୋଇଛି ।) ଗାଲୁଆଟା କିରେ ?

ବାଇଧର : ସେମିତି କ'ଣ କହୁଛନ୍ତି ? ଜାଣିଛନ୍ତି ମୁଁ କିଏ ?

ସୁଇଟି : ତୋ ନାଆଁ ବାଇଧର ।

ବାଇଧର : ମୋ ଘର କୋଉଠି ଜାଣିଛନ୍ତି ? ବେଶୀ ରଗାନା । ରକ୍ତ ଗରମ ହୋଇଗଲାଣି । ପୁଣି ଯଦି କ'ଣ ହେବ.....

ସୁଇଟି : ତୁ ଗୋଟେ ବ୍ରହ୍ମ ଗାଲୁଆ ।

ବାଇଧର : କ'ଣ କହିଲେ ? ମୁଁ ଗାଲୁଆ ? ମୁଁ ଗାଲୁଆ ? ନାଁ ଆପଣ ?

ସୁଇଟି : କ'ଣ କହିଲୁ ? (ବାଇଧରକୁ ଏକ ଶକ୍ତ ଚପୁଡ଼ା ମାରିଛି । ବାଇଧର ଗାଲ ଆଉଁସି) ଏବେ ଗାଲୁଆମି ଗଲା ?

ବାଇଧର : ମୋ ଭଳିଆ ଲୋକକୁ ମାରିଲେ ?

ସୁଇଟି : ହଁ ମାରିଲି, ଆହୁରି ମାରିବି । କ'ଣ କରିବୁ ? (ପୁଣି ଏକ ଚପୁଡ଼ା ମାରିଲେ ।)

ବାଇଧର : ପୁଣି ମାରିଲେ ? ଦେଖିବେ କ'ଣ କରିବି ?

ସୁଇଟି : ତୋ ହାତରେ କ'ଣ ହେବ କର ।

ବାଇଧର : ରଗାନ୍ତୁନି ମାଡ଼ାମ୍ । ରାଗିଲେ କ'ଣ କରିବି ଜାଣିନାହାନ୍ତି ।

ସୁଇଟି : ତୋ ଇଚ୍ଛା ଯାହା କର ।

ବାଇଧର : ଏଠୁ ପଳେଇବି ।

ସୁଇଟି : ଯା, ପଳା । ତୋତେ ଫୁଲ ଚନ୍ଦନ ଦେଇ କେହି ନିମନ୍ତ୍ରଣ କରିବେନି ।

ବାଇଧର : (ଫୋନ୍ ରିଙ୍ଗ୍ ହେଲା । ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍ । ହ୍ୟାଲୋ, ହଁ ମୁଁ ବାଇଧର ମହାନ୍ତି କହୁଛି । କ'ଣ ହେଲା ? କଲେକ୍ଟରଙ୍କ ଝିଅ ପାଇଁ ପ୍ରସ୍ତାବ । ହଁ ହୋଇଯିବ । ମୁଁ ଯିବି । ଫୋନ ବନ୍ଦ କରି)

ସୁଇଟି : ଆରେ ଏଇଟା ଗୋଟେ ବ୍ରହ୍ମ ଟାଉଟର ଜଣାପଡୁଛି । ଡାଡ୍, ଡାଡ୍ । (ପ୍ରବେଶ କଲେ ସନାତନ)

## ଆଜ୍ଞା ଗୋଟେ ମିନିଟ୍

ସନାତନ : କ'ଣ ହେଲା ?

ସୁଇଟି : ଆପଣ ମୋ ଡାଡ୍ ନାଁ ଆଉ କ'ଣ । ମୋ ପାଇଁ ଶେଷରେ ଏ ବୁଢ଼ା ଜ୍ୱାଇଁ ଠିକ୍ କରିଥିଲେ ?

ବାଇଧର : ସାର୍, ବହୁତ ହୋଇଗଲା। ଯିବା ।

ଡା.ମୋହନ : ସନାତନ ବାବୁ, ଆପଣ ଜାଣିଶୁଣି ଏ ବାଇଧରକୁ ଧରି ଏମିତି ସବୁ କରିଛନ୍ତି ? ମୋତେ ରୋଗୀ ଦେଖେଇବା ନାଆଁରେ ଝିଅ ଦେଖାଇ ଅଯଥାରେ ଚପୁଡ଼ା ଖାଇଲି। ମୋ ମାନ ସମ୍ମାନ ଗଲା।

ସନାତନ : ମୋତେ କ୍ଷମା କରିଦିଅନ୍ତୁ ଡାକ୍ତରବାବୁ। ମୋତେ କ୍ଷମା କରିଦେ ଝିଅ। ଡାକ୍ତର ଜ୍ୱାଇଁ କରିବା ନିଶାରେ ମୁଁ ଟାଉଟର ବାଇଧରକୁ କହି ବଡ଼ ଭୁଲ କରିଛି। ଏମିତି ସବୁ ହୋଇଯିବ ବୋଲି ମୁଁ ଭାବିନଥିଲି।

ସୁଇଟି : ଡାଡ୍, ଆପଣ ଶେଷରେ ଏଇଆ କଲେ ?

ସନାତନ : ପରିସ୍ଥିତି ମୋତେ ବାଧ୍ୟ କଲା ।

ଡା.ମୋହନ : ଯାହା ତ ମୁଁ ଲଜ୍ଜିତ ହେଲି ହେଲି। ଛାଡ଼ନ୍ତୁ ସେ କଥା। ଯାହା ହେବା କଥା ହୋଇଗଲାଣି। ମୁଁ ସୁଇଟି ପାଇଁ ମୋର ଗୋଟିଏ ପ୍ରସ୍ତାବ ଦେଉଛି। ମୋର ଗୋଟିଏ ଭାଇ ଆମେରିକାରେ ଡାକ୍ତର ଅଛି। ସେ ଆଜି ପର୍ଯ୍ୟନ୍ତ ବାହାହୋଇନି। ତା'ର ସବୁ ଦାୟିତ୍ୱ ମୋର। ସେ ଏଇ ମାସରେ ଗାଆଁକୁ ଆସିବ। ଆପଣ ରାଜି ହେଲେ ମୁଁ ଆଗେଇବି।

ବାଇଧର : ଆଜ୍ଞା ଭୋଜି ଭାତ କଥା ମୁଁ ବୁଝିବି।

ସୁଇଟି : ତତେ ଭଦ୍ରଲୋକୀ ଦେଖେଇବାକୁ କେହି ଡାକୁନାହାଁନ୍ତି।

ସନାତନ : ମୁଁ ରାଜି। ସୁଇଟି ତୋ ଇଚ୍ଛା କ'ଣ ?

ସୁଇଟି : ମୁଁ ରାଜି ଡାଡ୍ ।

ସନାତନ : ଆପଣ ସେଇଆ କରନ୍ତୁ।

ଡା.ମୋହନ : (ଦର୍ଶକଙ୍କୁ) ଆପଣମାନଙ୍କୁ ମୋର ଅନୁରୋଧ ବାଇଧରପରି ଟାଉଟରମାନଙ୍କ ବୋଲରେ ପଡ଼ି ଅବାଟରେ ଯାଆନ୍ତୁ ନାହିଁ। ନିଜର ସୁନା ସଂସାରକୁ ଚୁନା କରନ୍ତୁନି। ଆଉ ମୁଁ ମଧ୍ୟସ୍ଥିମାନଙ୍କୁ ମଧ୍ୟ ଅନୁରୋଧ କରୁଛି, ଦୟାକରି ଏଭଳି ମିଛସତ କହି ନିଜ ସ୍ୱାର୍ଥ ପାଇଁ କାହା ଘର ଭାଙ୍ଗନ୍ତୁନି।

ବାଇଧର : (ଫୋନ୍ ରିଙ୍ଗ ହେଲା। ଫୋନ୍ ଧରି) ଆଜ୍ଞା ଗୋଟେ ମିନିଟ୍। ହ୍ୟାଲୋ.......

ସମସ୍ତେ : ଚୁପ୍ ।

**ସମାପ୍ତ**